# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**03st April - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ୪ଟି ଲୋକସଭା ଏବଂ ୨୭ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜୁ ଜନତା ଦଳ ।

- ଗଣମାଧ୍ୟମଗୁଡ଼ିକରେ ପ୍ରକାଶିତ ଔଷଧ ମୂଲ୍ୟବୃଦ୍ଧି ସଂକ୍ରାନ୍ତ ଖବରକୁ ଖଣ୍ଡନ କଲା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ।

- ଏନ୍.ଡି.ଏ. ଏବଂ ନାଭାଲ୍ ଏକାଡେମୀ ଫଳ ପ୍ରକାଶ କଲା କେନ୍ଦ୍ରୀୟ ଲୋକସେବା ଆୟୋଗ ।

ଏବଂ

- ରାଜ୍ୟରେ ଆସନ୍ତା କିଛିଦିନ ଧରି ଗ୍ରୀଷ୍ମ ପ୍ରବାହ ଜାରି ରହିବ, ସୂଚନା ଦେଲା ପାଣିପାଗ ବିଭାଗ ।

*Desk*

# ବି.ଜେ.ଡି. ପ୍ରାର୍ଥୀ ତାଲିକା

ବିଜୁ ଜନତା ଦଳ ପକ୍ଷରୁ ଆଜି ବିଧାନସଭା ଏବଂ ଲୋକସଭା ଆସନପାଇଁ ୩୧ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି । ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଂ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବ୍ରହ୍ମପୁର ଲୋକସଭା ଆସନରୁ ଭୃଗୁ ବକ୍ସିପାତ୍ର, ବଲାଙ୍ଗିରରୁ ସୁରେନ୍ଦ୍ର ସିଂହ ଭୋଇ, ଭଦ୍ରକରୁ ମଞ୍ଜୁଲତା ମଣ୍ଡଳ, ବରଗଡ଼ରୁ ପରିଣିତା ମିଶ୍ରଙ୍କୁ ଦଳ ପକ୍ଷରୁ ଲୋକସଭା ଆସନ ପାଇଁ ପ୍ରାର୍ଥୀ କରାଯାଇଛି ।

ଦଳର ସଭାପତି ଘୋଷଣା କରିଥିବା ବିଧାନସଭା ଆସନପାଇଁ ପ୍ରାର୍ଥୀଙ୍କ ମଧ୍ୟରେ ବ୍ରଜରାଜନଗର ଆସନରୁ ଅଳକା ମହାନ୍ତି ନିର୍ବାଚନ ଲଢ଼ିବେ । ଝାରସୁଗୁଡ଼ା ଆସନରୁ ଦୀପାଳି ଦାସ, ରାଜଗାଙ୍ଗପୁରରୁ ଅନିଲ ବାର୍ଲା, ବାରିପଦାରୁ ସାନନ୍ଦ ମାରାଣ୍ଡି, ବୀରମହାରାଜପୁରରୁ ପଦ୍ମନାଭ ବେହେରା, ଫୁଲବାଣୀରୁ ଜୟଶ୍ରୀ କହଁର, ଖଲିକୋଟରୁ ସୂର୍ଯ୍ୟମଣି ବୈଦ୍ୟ, ବ୍ରହ୍ମପୁରରୁ ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ମୋହନାରୁ ଅନ୍ତର୍ଯାମୀ ଗମାଙ୍ଗୋ, ସୋରରୁ ମାଧବ ଧଡ଼ା, ପଟାଙ୍ଗୀରୁ ପ୍ରଫୁଲ୍ଲ ପାଙ୍ଗୀ, ଯଶୀପୁରରୁ ଚକ୍ରଧର ହେମ୍ବ୍ରମ୍, ପୋଲସରାରୁ ବିନୟ ଟପୋ, ମାହାଙ୍ଗାରୁ ଅଙ୍କିତ ପ୍ରତାପ ଜେନା, ଆସିକାରୁ ମଞ୍ଜୁଳା ସ୍ୱାଇଁଙ୍କୁ ପ୍ରାର୍ଥୀ କରାଯାଇଛି । ଭୁବନେଶ୍ୱର ଏକାମ୍ରରୁ ଅଶୋକ ଚନ୍ଦ୍ର ପଣ୍ଡାଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ସୁନ୍ଦରଗଡ଼ରୁ ଯୋଗେଶ ସିଂହ, ଆଠମଲ୍ଲିକ୍‌ରୁ ନଳିନୀ ପ୍ରଧାନ ବି.ଜେ.ଡି. ପକ୍ଷରୁ ଦଳୀୟ ପ୍ରାର୍ଥୀ କରାଯାଇଛି ।

*Desk*

# ଔଷଧ ମୂଲ୍ୟବୃଦ୍ଧି ଗୁଜବ

ଗଣମାଧ୍ୟମଗୁଡ଼ିକରେ ବଜାରରେ ଉପଲବ୍ଧ ଔଷଧଗୁଡ଼ିକର ମୂଲ୍ୟବୃଦ୍ଧି ସଂକ୍ରାନ୍ତ ଖବର ଅମୂଳକ ଏବଂ ବିଭ୍ରାନ୍ତିକର ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି, ରାଷ୍ଟ୍ରୀୟ ଔଷଧ ମୂଲ୍ୟ ନିର୍ଦ୍ଧାରଣ ପ୍ରାଧିକରଣ - ଏନ୍.ପି.ପି.ଏ. ପ୍ରତିବର୍ଷ କିଛି ଔଷଧର ପାଇକାରୀ ମୂଲ୍ୟସୂଚୀକୁ ଭିତ୍ତିକରି ସର୍ବାଧିକ ମୂଲ୍ୟ ନିର୍ଦ୍ଧାରଣ କରିଥାଏ । ଚଳିତ ବର୍ଷ ପାଇକାରୀ ମୂଲ୍ୟସୂଚୀରେ ଶୂନ ଦଶମିକ ବହୁତ କମ୍ ପ୍ରତିଶତ ବୃଦ୍ଧିକୁ ଭିତ୍ତିକରି ୭୮୨ଟି ଔଷଧର ସର୍ବାଧିକ ମୂଲ୍ୟରେ କୌଣସି ପରିବର୍ତ୍ତନ ହେବ ନାହିଁ । କେବଳ ୫୪ଟି ଔଷଧର ସର୍ବାଧିକ ମୂଲ୍ୟରେ ମାତ୍ର ୧ ପଇସା ବୃଦ୍ଧି ହେବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

*Desk*

# ଚାଉଳ ଯୋଗାଣ - କେନ୍ଦ୍ରକୁ ଅନୁରୋଧ

ଚଳିତ ବର୍ଷ ଖରିଫ ଋତୁରେ ରାଜ୍ୟ ସରକାରଙ୍କ ପକ୍ଷରୁ ୬୫ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ହେଲେ ଯୋଗାଣ ନିଗମର ସୂଚନା ଅନୁସାରେ, ଚଳିତ ଖରିଫ ଋତୁରେ ୫୮ ଲକ୍ଷରୁ ମେଟ୍ରିକ ଟନ୍‌ରୁ ଅଧିକ ଧାନ ସଂଗ୍ରହ କରିଛି। ଅନ୍ୟପକ୍ଷରେ ଚଳିତ ବର୍ଷ ରାଜ୍ୟ

ସରକାର ଚାଷୀଙ୍କ ଠାରୁ ସମସ୍ତ ଧାନ କିଣିବା ପାଇଁ ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଏଫ୍.ସି.ଆଇ. ଅଧିକ ଚାଉଳ କିଣିବା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ' କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟକୁ ପତ୍ର ଲେଖି ଅନୁରୋଧ କରିଛି।

***PIB***

# ଏନ୍.ଡି.ଏ. ପରୀକ୍ଷା ଫଳ

କେନ୍ଦ୍ରୀୟ ଲୋକସେବା ଆୟୋଗ - ୟୁ.ପି.ଏସ୍.ସି. ଆଜି ନ୍ୟାସନାଲ୍ ଡିଫେନ୍ସ ଏକାଡେମୀ - ଏନ୍.ଡି.ଏ. ଏବଂ ନାଭାଲ୍ ଏକାଡେମୀ ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ କରିଛି । ଗତବର୍ଷ ସେପ୍ଟେମ୍ବର ମାସ ୩ ତାରିଖରେ ଏଥିପାଇଁ ସର୍ବଭାରତୀୟ ସ୍ତରରେ ଲିଖିତ ପରୀକ୍ଷା କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରଣାଳୟର ସେବା ଚୟନ ପରିଷଦଦ୍ୱାରା ପ୍ରାର୍ଥୀମାନଙ୍କର ସାକ୍ଷାତ୍କାର ନିଆଯିବା ପରେ ଆଜି ଚୂଡ଼ାନ୍ତ ପରୀକ୍ଷା ଫଳ ପ୍ରକାଶ କରାଯାଇଛି । ଚଳିତ ବର୍ଷ ଏହି ପରୀକ୍ଷାରେ ୬୯୯ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସଫଳତା ହାସଲ କରିଥିବା ପ୍ରାର୍ଥୀମାନେ ପ୍ରତିରକ୍ଷା ବାହିନୀର ସ୍ଥଳସେନା, ନୌସେନା ଓ ବାୟୁସେନାରେ ଯୋଗଦେବେ । ପରୀକ୍ଷାର୍ଥୀମାନେ ସେମାନଙ୍କର ପରୀକ୍ଷାଫଳ www.upsc.gov.in ୱେବ୍‌ସାଇଟ୍ ମାଧ୍ୟମରେ ଜାଣିପାରିବେ ।

*Malkangiri/R*

## ମାଓସାମଗ୍ରୀ ଜବତ

ମାଲକାନଗିରି ଜିଲ୍ଲାର କାଲିମେଲା ଥାନା ଅନ୍ତର୍ଗତ ଦୟାଲତଙ୍ଗ ଗ୍ରାମ ନିକଟସ୍ଥ ଜଙ୍ଗଲରେ ମାଓବାଦୀମାନେ ମାଟି ତଳେ ଲୁଚାଇ ରଖିଥିବା ବହୁ ପରିମାଣର ବିସ୍ଫୋରକ ସାମଗ୍ରୀକୁ ପୋଲିସ ଆଜି ସକାଳେ ଉଦ୍ଧାର କରିଛି । ଗତକାଲି ମାଲକାନଗିରି ଡି.ଭି.ଏଫ ଯବାନ ଓ ଗୁଇନ୍ଦା ବିଭାଗର ଅଧିକାରୀ ମିଳିତ ଭାବେ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଦୟାଲତଙ୍ଗ ଗ୍ରାମ ନିକଟସ୍ଥ ଜଙ୍ଗଲରେ ତଲାସୀ ଅଭିଯାନ ଆରମ୍ଭ କରିଥିବାବେଳେ ଆଜି ଏହି ସଫଳତା ମିଳିଛି । ଏହି ତଲାସୀ ଅଭିଯାନ ବେଳେ ପୋଲିସ ୧୯୦ଟି ଜିଲେଟିନ ଷ୍ଟିକ୍, ଗୋଟିଏ ୨୦ କିଲୋଗ୍ରାମ ଓଜନର ଆଇ.ଇ.ଡି ସମେତ ବିଭିନ୍ନ ମାଓ ସାମଗ୍ରୀ ଜବତ କରିଛି । ଏଥିସହ ସଂପୃକ୍ତ ଅଞ୍ଚଳରେ କୁମ୍ବିଂ ଓ ତଲାସୀ ଅଭିଯାନ ଜାରୀ ରହିଥିବା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ସୂଚନା ଦେଇଛନ୍ତି ।

***Desk***

## ସମ୍ବଲପୁର - ଡାଇରିଆ

ସମ୍ବଲପୁର ମହାନଗର ନିଗମ ଅଞ୍ଚଳରେ ଝାଡ଼ାବାନ୍ତି ବ୍ୟାପିବା ନେଇ ଜନସାଧାରଣ ଭୟଭୀତ ନ ହେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଗତକାଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଜାତା ମିଶ୍ର କହିଛନ୍ତି,

ହୀରାକୁଦରେ ସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ଏଥିରେ ବର୍ତ୍ତମାନ ସୁଦ୍ଧା ୨୮୮ ଜଣ ଆକ୍ରାନ୍ତ ହୋଇଛନ୍ତି । ପ୍ରଭାବିତ ଅଞ୍ଚଳରୁ ୨୨୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ନିକଟବର୍ତ୍ତୀ ସ୍ଥାନଗୁଡ଼ିକରୁ ୬୧ଟି ବିକ୍ଷିପ୍ତ ମାମଲା ସାମ୍ନାକୁ ଆସିଛି ବୋଲି ଶ୍ରୀମତୀ ମିଶ୍ର କହିଥିଲେ । ସମ୍ବଲପୁର ସହରରେ ଦେଖାଦେଇଥିବା ଝାଡ଼ାବାନ୍ତି ରୋଗ ଡାଇରିଆ ନୁହେଁ ବୋଲି ଶ୍ରୀମତୀ ମିଶ୍ର କହିବା ସହ ଦୂଷିତ ଖାଦ୍ୟ ଓ ପାନୀୟ ଜଳ ଏଥିପାଇଁ ଦାୟୀ ବୋଲି କହିଥିଲେ । ବିଭିନ୍ନ ସ୍ଥାନରୁ ଜଳ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯାଉଛି । ପ୍ରଭାବିତ ଅଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଟିମ୍ ମୁତୟନ ହୋଇଛନ୍ତି । ସହରାଞ୍ଚଳ ସ୍ୱାସ୍ଥ୍ୟ ଟିମ୍ ଘର ଘର ବୁଲି ସୁରକ୍ଷିତ ପାନୀୟ ଜଳ ଅଭ୍ୟାସ, ପରିମଳ ଓ ସ୍ୱଚ୍ଛତା ଉପରେ ସଚେତନ କରାଉଛନ୍ତି ।

***Kandhamal/R***

## ଦୁର୍ଘଟଣା

କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ଥାନା ଅନ୍ତର୍ଗତ ମକପାଟି ଘାଟିରେ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହେବା ସହ ୮ ଜଣ ଗୁରୁତର ଆହତ ହୋଇଛନ୍ତି । ଆମ ସମ୍ବାଦଦାତାଙ୍କ ସୂଚନା ଅନୁସାରେ, ଟେପାରି ଅଞ୍ଚଳରୁ ଏକ ଅଟୋ ଦାରିଙ୍ଗିବାଡ଼ି ଯାଉଥିବାବେଳେ ଗୋଟିଏ ଟ୍ରାକ୍ଟର ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଟ୍ରାକ୍ଟରରେ ବସିଥିବା ଜଣେ ନାବାଳକର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା । ଖବର ପାଇ ଦାରିଙ୍ଗିବାଡ଼ି ପୁଲିସ୍ ଘଟଣାସ୍ଥଳରେ

ପହଞ୍ଚି ଅଟୋ ଓ ଟ୍ରାକ୍ଟରକୁ ଜବତ କରିବା ସହ ଗୁରୁତରମାନଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

*Desk*

## ମୁଖ୍ୟ ନିର୍ବାଚନ ଆୟୁକ୍ତ - ବୈଠକ

ଆସନ୍ତା ସାଧାରଣ ନିର୍ବାଚନକୁ ଶାନ୍ତି ଶୃଙ୍ଖଳା ଓ ପ୍ରଲୋଭନମୁକ୍ତ କରିବା ନେଇ ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଜୀବ କୁମାରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ ଏବଂ ନିର୍ବାଚନ ସହିତ ଜଡ଼ିତ ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାର ମୁଖ୍ୟମାନେ ଉପସ୍ଥିତ ଥିଲେ । ଆଭାସୀ ମାଧ୍ୟମରେ ହୋଇଥିବା ଏହି ବୈଠକରେ ଆଇନଶୃଙ୍ଖଳା, ବେଆଇନ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର କରିବା ପାଇଁ ମୁଖ୍ୟ ନିର୍ବାଚନ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି । ଆନ୍ତର୍ଜାତିକ ଏବଂ ରାଜ୍ୟର ସୀମା ଉପରେ ନଜର ରଖିବା, ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ନେଇ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଭୋଟରମାନେ ଯେପରି କୌଣସି ପ୍ରକାରେ ପ୍ରଲୋଭିତ ନ ହେବେ, ସେ ବିଷୟରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା ।

***Boudh/R***

## ନିର୍ବାଚନୀ ବୈଠକ

ବୌଦ୍ଧ ଜିଲ୍ଲା ପରିଷଦ ସଭାଗୃହଠାରେ ନିର୍ବାଚନ ପରିଚାଳନା ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ନିର୍ବାଚନ ପରିଚାଳନା ଯୋଜନା ଓ ତାଲିମ୍ କାର୍ଯ୍ୟକ୍ରମ ନେଇ ଉପଜିଲ୍ଲାପାଳ ତଥା ବୌଦ୍ଧ ନିର୍ବାଚନ ମଣ୍ଡଳି ରିଟର୍ଣ୍ଣିଂ ଅଫିସର ପ୍ରଭାସ ଚନ୍ଦ୍ର ଦଣ୍ଡସେନା ବୈଠକରେ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ ନିର୍ବାଚନ ସୁପରିଚାଳନା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ ।

***Desk***

## ଅଂଶୁଘାତ ସତର୍କତା

ରାଜ୍ୟରେ ଅଂଶୁଘାତ ମୁକାବିଲା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ହସ୍‌ପିଟାଲରେ ଅଂଶୁଘାତ ପ୍ରଭାବିତ ବ୍ୟକ୍ତିମାନଙ୍କ ପାଇଁ ସ୍ୱତନ୍ତ୍ର ବେଡ୍ ରଖିବାକୁ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଛି। ପ୍ରତି ଜିଲ୍ଲା ହସ୍‌ପିଟାଲ୍‌ରେ ୬ଟି ସି.ଏଚ୍.ସି.ରେ ୨ଟି, ପି.ଏଚ୍.ସି.ରେ ଗୋଟିଏ ଲେଖାଏ ବେଡ୍ ପ୍ରସ୍ତୁତ ରଖିବାକୁ ପରାମର୍ଶ ଦେଇଛି। ଅଂଶୁଘାତ ମୁକାବିଲା ପାଇଁ ଆବଶ୍ୟକ ଔଷଧ ସହ ଅନ୍ୟାନ୍ୟ ସାମଗ୍ରୀ ମହଜୁଦ୍ ରଖିବାକୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କୁହାଯାଇଛି।

ଡାକ୍ତରଖାନାରେ ଯେପରି ୨୪ ଘଣ୍ଟିଆ ଡାକ୍ତର ଉପଲବ୍ଧ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଅଂଶୁଘାତ ମୁକାବିଲା ପାଇଁ ଜୀବଜନ୍ତୁଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି । ଏନ୍‌କ୍ଲୋଜରଗୁଡ଼ିକୁ ବାଉଁଶ ତାଟି ଓ ବେଣାଚେର ପରଦାରେ ଘୋଡ଼ାଯାଇଛି । ସମସ୍ତ ଏନ୍‌କ୍ଲୋଜର୍‌କୁ ୨୪ ଘଣ୍ଟିଆ ପାଣି ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି । ଖରାଦାଉରୁ ରକ୍ଷା କରିବାକୁ ସିମ୍ପାଞ୍ଜି ଓ ଗିବନ୍ ପାଇଁ କୁଲର ବ୍ୟବସ୍ଥା ହୋଇଛି । ଭାଲୁପାଇଁ ବରଫ ଓ ପାଣିରେ ବୁଡ଼ି ରହିବା ଭଳି ବ୍ୟବସ୍ଥା ରହିଛି । ପକ୍ଷୀମାନଙ୍କପାଇଁ କୃତ୍ରିମ ଝରଣା ଓ ପାଣିସିଞ୍ଚନ ବ୍ୟବସ୍ଥା ହୋଇଛି । ଏହାଛଡ଼ା ନନ୍ଦନକାନନରେ ପର୍ଯ୍ୟଟକମାନଙ୍କପାଇଁ ବିଭିନ୍ନ ସ୍ଥାନରେ ଥଣ୍ଡା ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ବୋଲି ନନ୍ଦନକାନନ ପ୍ରାଣୀ ଉଦ୍ୟାନ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି ।

*Desk*

## ପାଣିପାଗ

ରାଜ୍ୟରେ ଆଉ କିଛିଦିନ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭୁବନେଶ୍ୱରସ୍ଥିତ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସମୁଦ୍ର ପତନରୁ ୯୦୦ ମିଟର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି ।

ଏହାଛଡ଼ା ଉତ୍ତର-ପଶ୍ଚିମ ଶୁଷ୍କ ବାୟୁର ପ୍ରଭାବରେ ଦିନ ତାପମାତ୍ରା ଆସନ୍ତା ୬ ତାରିଖ ସୁଦ୍ଧା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ ଏବଂ ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିବ ବୋଲି ଅନୁମାନ କରାଯାଇଛି । ବଲାଙ୍ଗିର, କଳାହାଣ୍ଡି, ବୌଦ୍ଧ, ମାଲକାନଗିରି ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ରାତିରେ ତାପମାତ୍ରା ବୃଦ୍ଧି ପାଇବା ସହ ଗୁଳୁଗୁଳିର ସମ୍ଭାବନା ରହିଛି । ଏହାଛଡ଼ା କୋରାପୁଟ, ରାୟଗଡ଼ା, ଗଜପତି, ଗଞ୍ଜାମ, କନ୍ଧମାଳ ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

*****